# NATIONAL NEWS BULLETIN (ODIA)
## 7 September - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ସମଗ୍ର ଦେଶରେ ଆସନ୍ତା ସୋମବାରଠାରୁ ଆରମ୍ଭ ହେବ ପାଞ୍ଚ ଦିନିଆ ଆବାସିକ ପରିଚାଳନା ବିକାଶ କାର୍ଯ୍ୟକ୍ରମ
- ତୈଳ ବୀଜ ଚାରାରୋପଣ-୨୦୨୪ ଅଭିଯାନରେ ୮ଟି ରାଜ୍ୟରୁ ମିଳିଛି ଉତ୍ସାହଜନକ ଫଳାଫଳ।
- ବାଂଲାଦେଶରେ ଦେଖାଦେଇଛି ଡେଙ୍ଗୁର ପ୍ରଭାବ; ଗତ ୬ ଦିନରେ ୯ଜଣଙ୍କର ମୃତ୍ୟୁ।
- ସାମୁଦ୍ରିକ ବାତ୍ୟା 'ୟାଗି' ସ୍ପର୍ଶ କଲା ଉତ୍ତର ଭିଏତନାମର ସ୍ଥଳଭାଗ

ଏବଂ

- ୨୦ବର୍ଷରୁ କମ୍ ବିଶ୍ୱ କୁସ୍ତି ପ୍ରତିଯୋଗିତାରେ ଭାରତୀୟ ମହିଳା ପ୍ରତିଯୋଗୀଙ୍କ ୫ଟି ପଦକ ହାସଲ।

# ଏମ୍‌ଡିପି- ପଞ୍ଚାୟତିରାଜ

ଆସନ୍ତା ସୋମବାରଠାରୁ ୧୩ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ପାଞ୍ଚ ଦିନିଆ ଆବାସିକ ପରିଚାଳନା ବିକାଶ କାର୍ଯ୍ୟକ୍ରମ ଆୟୋଜିତ ହେବ। ଜାମ୍ମୁ ସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ ସହଯୋଗରେ ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏଥିରେ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, କେରଳ, ମହାରାଷ୍ଟ୍ର ସମେତ ୧୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପଞ୍ଚାୟତିରାଜ ଅନୁଷ୍ଠାନର ନିର୍ବାଚନ ପ୍ରତିନିଧି ଏବଂ କର୍ମକର୍ତ୍ତା ଅଂଶଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମ ଅବସରରେ ପଞ୍ଚାୟତିରାଜ ଅନୁଷ୍ଠାନର ନେତୃତ୍ୱ, ପରିଚାଳନା, ନୈତିକତା, ସମ୍ବଳ ସଂଗ୍ରହ, ସମନ୍ୱୟ, ଉଦ୍ଭାବନ, କୃତ୍ରିମ ବୁଦ୍ଧିମତା ଆଦି ବିଭିନ୍ନ ଦିଗ ଉପରେ ଆଲୋଚନାଚକ୍ରମାନ ଅନୁଷ୍ଠିତ ହେବ। ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ସକ୍ଷମ ଓ ପରିଚାଳନା ମାଧ୍ୟମରେ ନିଜସ୍ୱ ରାଜସ୍ୱ ଉତ୍ସ ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ।

# ଜୟନ୍ତ ଚୌଧୁରୀ-ବୁଝାମଣା ପତ୍ର

ଦକ୍ଷତା ବିକାଶ  ଓ ଉଦ୍ୟମିତା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ କହିଛନ୍ତି, ଲଜିଷ୍ଟିକ ଏବଂ ଉନ୍ନତିକରଣ କ୍ଷେତ୍ରରେ ସହଭାଗିତା ପାଇଁ ଏକ ଘରୋଇ ଖାଦ୍ୟ ଯୋଗାଣ ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ନୂଆଦିଲ୍ଲୀଠାରେ ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ନୂତନ

ଜ୍ଞାନକୌଶଳ ପ୍ରଚଳନ ଦୃଷ୍ଟିରୁ ବ୍ୟବସାୟ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଭିତ୍ତିଭୂମି, ଯୋଗାଯୋଗର ଉନ୍ନତି ଏବଂ ବିଶ୍ୱ ବାଣିଜ୍ୟରେ ଭାରତର ଅଂଶ ବୃଦ୍ଧି ଦ୍ୱାରା ହିଁ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ସ୍ୱପ୍ନ ସାକାର ହୋଇପାରିବ ବୋଲି ସେ କହିଛନ୍ତି।

## ତୈଳ ବୀଜ ଚାରାରୋପଣ

ତୈଳ ବୀଜ ଚାରାରୋପଣ-୨୦୨୪ ଅଭିଯାନ ଅଧୀନରେ ଏ ପର୍ଯ୍ୟନ୍ତ ୧୭ ଲକ୍ଷରୁ ଊର୍ଦ୍ଧ୍ୱ ଚାରାରୋପଣ ହୋଇଛି। ୧୫ଟି ରାଜ୍ୟର ୧୨ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଏହି ଚାରାରୋପଣ ହୋଇଥିବା ଜଣାପଡ଼ିଛି। ଗତ ଜୁଲାଇ ୧୫ ତାରିଖରୁ ଜାତୀୟ ଖାଇବା ତୈଳବୀଜ ମିଶନ ଅଧୀନରେ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଦେଶରେ ତୈଳବୀଜ ଚାଷକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ରଖାଯାଇଛି। କେନ୍ଦ୍ର ଏବଂ ରାଜ୍ୟ ସରକାର ଓ ଅଗ୍ରଣୀ ତୈଳବୀଜ ପ୍ରକ୍ରିୟାକରଣ କମ୍ପାନୀଗୁଡ଼ିକ ମିଳିତ ଭାବେ ଏହି ଅଭିଯାନରେ ସାମିଲ ହୋଇଛନ୍ତି। ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଗୋଆ, ଗୁଜୁରାଟ, କର୍ଣ୍ଣାଟକ, କେରଳ, ଓଡ଼ିଶା, ତାମିଲନାଡୁ ଆଦି ରାଜ୍ୟରେ ଉତ୍ସାହଜନକ ଫଳାଫଳ ମିଳିଛି ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। କୃଷିଜୀବୀଙ୍କୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ବିଭିନ୍ନ ସ୍ଥାନରେ ତାଲିମ ଶିବିର, ଚାରାରୋପଣ ଅଭିଯାନ ଏବଂ ଅନ୍ୟାନ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିବ।

## ରାଷ୍ଟ୍ରୀୟ ପୋଷଣ ମାସ

ଚଳିତ ସପ୍ତମ ରାଷ୍ଟ୍ରୀୟ ପୋଷଣ ମାସରେ ଏ ପର୍ଯ୍ୟନ୍ତ ସମଗ୍ର ଦେଶରେ ୧ କୋଟି ୩୭ ଲକ୍ଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗତ ପହିଲାରୁ ଆରମ୍ଭ ହୋଇଥିବା ଏହି ମାସ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଗୁଜୁରାଟରୁ ଶୁଭାରମ୍ଭ କରାଯାଇଥିଲା। ଏହି ଅଭିଯାନର ରକ୍ତହୀନତା, ଶାରୀରିକ ବୃଦ୍ଧି, ଶିଶୁଖାଦ୍ୟ ଏବଂ 'ପୋଷଣ ମଧ୍ୟ ଶିକ୍ଷା ମଧ୍ୟ' ସମେତ ସମଗ୍ର ଦେଶରେ ସ୍ୱଚ୍ଛ ପ୍ରଶାସନ ଲକ୍ଷ୍ୟ ହାସଲ ଲାଗି ବୈଷୟିକ ଜ୍ଞାନକୌଶଳ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏହି ଅଭିଯାନ ଅଧୀନରେ 'ଏକ ପେଡ଼ ମା' କେ ନାମ' କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଛି। ୧୩ ଲକ୍ଷ ୯୫ ହଜାର ଅଙ୍ଗନବାଡ଼ି କେନ୍ଦ୍ରରେ ଚାରାରୋପଣ କରାଯାଇଛି। ବିହାର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ, ଗୁଜୁରାଟ, ଆନ୍ଧ୍ରପ୍ରଦେଶ ଏବଂ ଉତ୍ତର ପ୍ରଦେଶ ଏହି ଅଭିଯାନରେ ସର୍ବାଧିକ ଯୋଗଦାନ କରିଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଅଛନ୍ତି ବୋଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଜଣାପଡ଼ିଛି।

## ବାଂଲାଦେଶ ଡେଙ୍ଗୁ

ବାଂଲାଦେଶରେ ଡେଙ୍ଗୁ ପ୍ରକୋପ ଦେଖା ଦେଇଛି। ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତ ମାସର ପ୍ରଥମ ୬ ଦିନ ମଧ୍ୟରେ ବାଂଲାଦେଶରେ ଡେଙ୍ଗୁରେ ୯ ଜଣଙ୍କର ମୃତ୍ୟୁ

ହୋଇଛି।  ଏଥିସହ ଚଳିତ ବର୍ଷ ଜୀବାଣୁ ସଂକ୍ରମିତ ଜ୍ୱର ଆକ୍ରାନ୍ତଙ୍କ ସଂଖ୍ୟା ୧୫ ହଜାର ଅତିକ୍ରମ କରିଥିବା ବେଳେ ମୃତ୍ୟୁସଂଖ୍ୟା ୯୩ରେ ପହଁଞ୍ଚିଛି। ପ୍ରମୁଖ ସହରରେ ପୌର ସଂସ୍ଥାଗୁଡ଼ିକରେ ପ୍ରଶାସନିକ ବିଶୃଙ୍ଖଳା ଯୋଗୁଁ ଜୀବାଣୁ ସଂକ୍ରମିତ ରୋଗଗୁଡ଼ିକୁ ରୋକିବା ଲାଗି ଦୃଢ଼ ପଦକ୍ଷେପ ନିଆଯିବା ସମ୍ଭବ ହେଉନାହିଁ। ମନ୍ତ୍ରଣାଳୟ କହିଛି, ଏବେ ବି ବାଂଲାଦେଶର ବିଭିନ୍ନ ହସ୍ପିଟାଲରେ ପାଖାପାଖି ୨ ହଜାର ରୋଗୀ ଚିକିତ୍ସିତ ହେଉଛନ୍ତି। ଢାକା, ଚିଟ୍ଟାଗଙ୍ଗ ଏବଂ ବରିସାଲ ଅଞ୍ଚଳରେ ଅଧିକ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଡେଙ୍ଗୁ ନିୟନ୍ତ୍ରଣ ଅଭିଯାନ ପରିଚାଳନା ତ୍ରୁଟି ଯୋଗୁଁ ମଶାଙ୍କର ଘନତା ବୃଦ୍ଧି ପାଉଛି। ଚିକିତ୍ସତ ହେଉଥିବା ରୋଗୀଙ୍କର ସ୍ଥିତିକୁ ଅନୁଧ୍ୟାନ କଲେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାର ଆଶାଙ୍କା ପାଇଛି  ବୋଲି ମନ୍ତ୍ରଣାଳୟ କହିଛି। ସୂଚନାଯୋଗ୍ୟ, ଗତ ବର୍ଷ ବାଂଲାଦେଶରେ ଡେଙ୍ଗୁରେ ୧ ହଜାର ୭୦୫ ଜଣଙ୍କର ମୃତ୍ୟୁ ହୋଇଥିଲା।

## ସୁପର ଟାଇଫୁନ୍ ୟାଗି

ଶକ୍ତିଶାଳୀ ସାମୁଦ୍ରିକ ବାତ୍ୟା 'ୟାଗି' ଆଜି ଉତ୍ତର ଭିଏତନାମର ସ୍ଥଳଭାଗ ସ୍ପର୍ଶ କରିଛି। ଏହାର ପ୍ରଭାବରେ ଦୁଇଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ବହୁ ଲୋକ ଆହତ ହୋଇଥିବା ସୂଚନା ମିଳିଛି। ଉତ୍ତର ଭିଏତନାମର ଦ୍ୱୀପ ଜିଲ୍ଲାଗୁଡ଼ିକରେ ବାତ୍ୟା ପ୍ରଭାବରେ ଘଣ୍ଟା ପ୍ରତି ୧୬୦ କିଲୋମିଟର ବେଗରେ ପବନ ବହିଥିଲା। ସେଠାକାର ସରକାରୀ

ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ସମୁଦ୍ରରେ ଉଚ୍ଚ ଜୁଆର ସୃଷ୍ଟି ହୋଇଥିଲା। ଉପକୂଳବର୍ତ୍ତୀ ସହରଗୁଡ଼ିକରେ ବିଦ୍ୟୁତ ଯୋଗାଯୋଗ ବ୍ୟାହତ ହେବା ସହ ବହୁ ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଛି। ସୂଚନାଯୋଗ୍ୟ, ୟାଗିର ପ୍ରଭାବ ଗତ ସପ୍ତାହରେ ପ୍ରଥମେ ଫିଲିପାଇନ୍ସରେ ଅନୁଭୂତ ହୋଇଥିଲା। ସେଠାରେ ୧୬ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ସାମୁଦ୍ରିକ ଝଡ଼ ୟାଗି ଚୀନ୍‌ର ଉପକୂଳ ଅଞ୍ଚଳର ହାଇନାନ୍ ସ୍ପର୍ଶ କରିଥିଲା। ଝଡ଼ବାତ୍ୟା ଯୋଗୁଁ ସେଠାରେ ୨ ଜଣଙ୍କର ମୃତ୍ୟୁ ହେବା ସହ ବ୍ୟାପକ କ୍ଷୟକ୍ଷତି ହୋଇଥିଲା।

## ପାକିସ୍ତାନ ଆତଙ୍କବାଦୀ ମୃତ୍ୟୁ

ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶରେ ସୁରକ୍ଷା ବାହିନୀର ପାଲଟା ଗୁଳିମାଡ଼ରେ ଚାରି ଜଣ ଆତ୍ମଘାତୀ ଆକ୍ରମଣକାରୀ ନିହତ ହୋଇଛନ୍ତି। ସେହି ପ୍ରଦେଶସ୍ଥିତ ଏକ ସାମରିକ ମୁଖ୍ୟାଳୟ ଉପରେ ଆତ୍ମଘାତୀ ଆକ୍ରମଣ ପାଇଁ ସେମାନେ ପ୍ରୟାସ କରୁଥିଲେ ବୋଲି ପାକିସ୍ତାନ ସେନା ପକ୍ଷରୁ ସୂଚନା ଦିଆଯାଇଛି। ମହମ୍ମଦ ଜିଲ୍ଲାରେ ଏହି ଘଟଣା ଘଟିଥିବା ସେନା କହିଛି। ତେବେ ଅନ୍ୟାନ୍ୟ ଅଞ୍ଚଳରେ ସର୍ଚ୍ଚ ଅପରେସନ୍‌କୁ ଜୋରଦାର କରାଯାଇଛି ବୋଲି ପାକିସ୍ତାନ ସେନା ପକ୍ଷରୁ ସୂଚନା ମିଳିଛି।

## ସାଉଥ୍ କୋରିଆ-ୟୁଏସ୍ ସିମୁଲେସନ୍ ଡ୍ରିଲ୍

ଆଣବିକ ଆକ୍ରମଣ ପ୍ରତିହତ ଲକ୍ଷ୍ୟରେ ସହଯୋଗ ବୃଦ୍ଧି ପାଇଁ ଦକ୍ଷିଣ କୋରିଆ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ମିଳିତ ଭାବେ ସୁରକ୍ଷା ଅଭ୍ୟାସ କରିଥିଲେ। ସିଓଲର ପ୍ରତିରକ୍ଷା ମନ୍ତ୍ରଣାଳୟ ଏବଂ ପେଣ୍ଟାଗନ୍ ପକ୍ଷରୁ ଜାରି ମିଳିତ ବିବୃତିରେ କୁହାଯାଇଛି, ଗତ ଦୁଇ ଦିନ ଧରି ଏହି ଦୁଇଦେଶର ପରମାଣୁ ପରାମର୍ଶଦାତା ଗୋଷ୍ଠୀର ପ୍ରଥମ ବୈଠକ ଆୟୋଜିତ ହୋଇଥିଲା। ଉତ୍ତର କୋରିଆର ପରମାଣୁ ଏବଂ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଥିବା କୁହାଯାଇଛି। ଆସନ୍ତା ନଭେମ୍ବର ମାସରେ ଅନୁଷ୍ଠିତ ହେବାକୁ ଥିବା ଆମେରିକା ରାଷ୍ଟ୍ରପତି ନିର୍ବାଚନରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଦୃଷ୍ଟିରେ ରଖି ଦୁଇ ଦେଶ ମଧ୍ୟରେ ଏଭଳି ମିଳିତ ଅଭ୍ୟାସ ଆୟୋଜିତ ହୋଇଥିବା ଜଣାପଡ଼ିଛି।

## ସ୍ପେଶକ୍ରାପ୍ଟ ରିଟର୍ଣ୍ଣ

ବୋଇଂ ଷ୍ଟାର ଲାଇନ୍ ଯାନ ମହାକାଶରେ ପାଖାପାଖି ତିନିମାସ ବିତେଇବା ପରେ ପୃଥିବୀ ପୃଷ୍ଠକୁ ଫେରିଆସିଛି। ମହାକାଶ ଏଜେନ୍ସି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଯାନ ଗତକାଲି ୧୨ଟା ୧ ମିନିଟ୍ ପୃଥିବୀ ସମୟରେ ଭୂମିସ୍ପର୍ଶ କରିଥିଲା। ଅରବିଟିଂ ଲ୍ୟାବରୁ ସ୍ୱୟଂଚାଳିତ ଭାବେ ଏହି ଯାନଟି ଯାତ୍ରା କରିଛି। ବୁଚ୍ ୱିଲମୋର ଏବଂ

ସୁନୀତା ୱିଲିୟମ୍ସଙ୍କୁ ନେଇ ମହାକାଶକୁ ଯାତ୍ରା କରିଥିବା ଏହି ଯାନ ବୈଷୟିକ ସମସ୍ୟାର ସମ୍ମୁଖୀନ ହୋଇଥିଲା । ଫଳରେ ମହାକାଶଚାରୀ ପୃଥିବୀକୁ ଫେରିବା ବିପଦପୂର୍ଣ୍ଣ ବୋଲ ବିବେଚନା କରାଯାଇ ତାଙ୍କର ରହଣି ସମୟକୁ ବୃଦ୍ଧି କରାଯାଇଛି । ଆସନ୍ତା ଫେବୃଆରୀ ମାସରେ ପୃଥିବୀକୁ ଫେରିବାକୁ ପଦକ୍ଷେପ ନିଆଯାଉଛି ବୋଲି ଷ୍ଟାର୍‌ଲାଇନ୍‌ର ପକ୍ଷରୁ ସୂଚନା ଦିଆଯାଇଛି । ଏହାର ଅବତରଣକୁ ନିୟନ୍ତ୍ରଣ କରିବା ଲାଗି ପାରାସୁଟ୍ ବ୍ୟବହାର କରାଯାଇଥିଲା । ଷ୍ଟାର୍ ଲାଇନ୍‌ର ବିନା ବାଧାରେ ପୃଥିବୀକୁ ଫେରିଆସିଥିବା ନେଇ ନାସାର ଲାଇଭ୍ ଷ୍ଟ୍ରିମ୍‌ରେ ଦର୍ଶାଯାଇଛି ।

## ମାଣ୍ଡବ୍ୟ-ପାରାଅଲିମ୍ପିକ୍ସ ସମ୍ବର୍ଦ୍ଧନା

ଦେଶରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବାରେ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି । ପ୍ୟାରିସ ପାରା ଅଲିମ୍ପିକ୍ସ-୨୦୨୪ ପ୍ରତିଯୋଗିତାରେ ଭାଗ ନେଇ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିବା କ୍ରୀଡ଼ାବିତ୍‌ଙ୍କୁ ନୂଆଦିଲ୍ଲୀଠାରେ ସମ୍ବର୍ଦ୍ଧିତ କରିବା ଅବସରରେ ଶ୍ରୀ ମାଣ୍ଡବ୍ୟ ଏହା କହିଛନ୍ତି । ସେ କହିଛନ୍ତି, ଦେଶର କ୍ରୀଡ଼ା ଭିତ୍ତିଭୂମିକୁ ଆନ୍ତର୍ଜାତିକ ସ୍ତରକୁ ଉନ୍ନୀତ କରିବା ଲାଗି ସମସ୍ତ ପ୍ରକାର ପ୍ରୟାସ ଜାରି ରହିଛି । ପାରା ଅଲିମ୍ପିକ୍ସ ପ୍ରତିଯୋଗିତାରେ ପଦକ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଶ୍ରୀ ମାଣ୍ଡବ୍ୟ ଉଚ୍ଚ ପ୍ରଶଂସା କରିଥିଲେ । ସୂଚନାଯୋଗ୍ୟ, ଏହି ପ୍ରତିଯୋଗିତାରେ ଏ ପର୍ଯ୍ୟନ୍ତ ୬ଟି ସ୍ୱର୍ଣ୍ଣ, ୯ଟି

ରୌପ୍ୟ ଏବଂ ୧୨ଟି ବ୍ରୋଞ୍ଜ ପଦକ ସହ ଭାରତ ୨୭ଟି ପଦକ ହାସଲ କରିଛି ।

## ନାଗାଲାଣ୍ଡ-କ୍ୟାସ୍ ଆୱାର୍ଡ- ହୋକାଟୋ

ପ୍ୟାରିସ୍ ପାରାଲିମ୍ପିକ୍ସ-୨୦୨୪ ପ୍ରତିଯୋଗିତାର ପୁରୁଷ ଏଫ୍ ୫୭ ସଟ୍ ପୁଟ୍ ଇଭେଣ୍ଟରେ କାଂସ୍ୟ ପଦକ ବିଜେତା ହୋକାଟୋ ହୋଟୋଝେ ସେମାଙ୍କ ପାଇଁ ନାଗାଲାଣ୍ଡ ସରକାର ଦେଢ଼ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ନେଫିୟୁ ରିଓ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ହୋଟୋଝେ ସେମାଙ୍କ ପାଇଁ ନାଗାଲାଣ୍ଡ ଗର୍ବିତ । ଅର୍ଜୁନ ପୁରସ୍କାର ପାଇଁ ରାଜ୍ୟ ସରକାର ତାଙ୍କ ନାମ କେନ୍ଦ୍ରକୁ ସୁପାରିସ କରିବେ ବୋଲି ସେ ସୂଚନା ଦେଇଛନ୍ତି ।

କ୍ରୀଡ଼ା ସଫଳତା ସହ ଦେଶ ପ୍ରତି ତାଙ୍କର ସାହସିକ ସେବାକୁ ଦୃଷ୍ଟିରେ ରଖି ଏହାକୁ ଏକ ଅସାଧାରଣ ମାମଲା ଭାବେ ଗ୍ରହଣ କରି ତାଙ୍କୁ ପଦୋନ୍ନତି ଦେବା ପାଇଁ ଭାରତୀୟ ସେନା ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ ସହ ଆଲୋଚନା କରାଯିବ ବୋଲି ଶ୍ରୀ ରିଓ କହିଛନ୍ତି ।

## ମହିଳା କୁସ୍ତିଯୋଦ୍ଧା-ୟୁ-୨୦

ବିଶ୍ୱ କୁସ୍ତି ପ୍ରତିଯୋଗିତାରେ ଭାରତୀୟ ମହିଳା ପ୍ରତିଯୋଗୀ ୫ଟି ପଦକ ହାସଲ କରିଛନ୍ତି । ସ୍ପେନର ପଣ୍ଟେଭେଡ୍ରାଠାରେ ଚାଲିଥିବା ୨୦

ବର୍ଷରୁ କମ୍ ଏହି ଚାମ୍ପିଅନସିପ୍‌ରେ ଭାରତ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ଜିତିଛି। ଫ୍ରିଷ୍ଟାଇଲ ବର୍ଗରେ ଏହି ସମସ୍ତ ପଦକ ମିଳିଛି।

୬୨ କିଲୋଗ୍ରାମ ବର୍ଗ ଫାଇନାଲରେ ନିତିକା ୟୁକ୍ରେନର ଇରିନା ବଣ୍ଡାରଙ୍କଠାରୁ ୧-୪ ପଏଣ୍ଟରେ ପରାସ୍ତ ହୋଇ ରୌପ୍ୟ ପଦକ ହାସଲ କରିଛନ୍ତି।

୫୭ କିଲୋଗ୍ରାମ ବର୍ଗରେ ନେହା' ହଙ୍ଗେରୀର ଗେରଡା ଟେରେକ୍‌ଙ୍କୁ ୧୦-୮ରେ ପରାସ୍ତ କରି ବ୍ରୋଞ୍ଜ ପଦକ ଜିତିଛନ୍ତି।

ପୂର୍ବରୁ ଜ୍ୟୋତି ବରୱାଲ ମହିଳା ୭୬ କିଲୋଗ୍ରାମ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ କୋମଲ ୫୯ କିଲୋଗ୍ରାମ ଓ ଶ୍ରୀଷ୍ଟି ୬୮ କିଲୋଗ୍ରାମ ବର୍ଗରେ ବ୍ରୋଞ୍ଜ ପଦକ ଜିତିଥିଲେ। ମହିଳା ଫ୍ରିଷ୍ଟାଇଲ ପ୍ରତିଯୋଗିତା ଗତକାଲି ଶେଷ ହୋଇଛି। ପୁରୁଷ ଫ୍ରିଷ୍ଟାଇଲ ମ୍ୟାଚ୍ ଗୁଡ଼ିକୁ ଆଜି ଖେଳାଯିବ।